# ଚିଙ୍ଗୁଡ଼ି ଚାଷରେ ରୋଗ ସମସ୍ୟା ଓ ତାହାର ପ୍ରତିକାର




ଲେଖିକା

କୁମାରୀ ରଶ୍ମିପ୍ରଭା ମିଶ୍ର

କାର୍ଯ୍ୟକ୍ରମ ସହଯୋଗୀ (ମତ୍ସ୍ୟ ବିଜ୍ଞାନ)

ମୁଖ୍ୟ ସଂପାଦକ

ଶ୍ରୀ ନିରଞ୍ଜନ ଦାସ

କାର୍ଯ୍ୟକ୍ରମ ସଂଯୋଜକ



## କୃଷି ବିଜ୍ଞାନ କେନ୍ଦ୍ର, ଅନୁଗୁଳ

## ଲେଖିକା

କୁମାରୀ ରଶ୍ମିପ୍ରଭା ମିଶ୍ର

କାର୍ଯ୍ୟକ୍ରମ ସହାୟିକା (ମତ୍ସ୍ୟ ବିଜ୍ଞାନ)

ଶ୍ରୀମତୀ ସୁମିତା ଆଚାର୍ଯ୍ୟ

ବିଷୟବସ୍ତୁ ବିଶେଷଜ୍ଞ (ଗୃହ ବିଜ୍ଞାନ)

## ମୁଖ୍ୟ ସଂପାଦକ

ଶ୍ରୀଯୁକ୍ତ ନିରଞ୍ଜନ ଦାସ

କାର୍ଯ୍ୟକ୍ରମ ସଂଯୋଜକ

କୃଷି ବିଜ୍ଞାନ କେନ୍ଦ୍ର, ଅନୁଗୋଳ

## ମୁଦ୍ରଣ

ଓଁ ମା ପ୍ରିଣ୍ଟର୍ସ

ଅନୁଗୁଳ

# ମଧୁର ଜଳ ଚିଙ୍ଗୁଡ଼ି ଚାଷରେ ରୋଗ ସମସ୍ୟା ଓ ଏହାର ନିରାକରଣ

ମାଛମାନଙ୍କ ଭଳି ଚିଙ୍ଗୁଡ଼ି ମାନଙ୍କୁ ମଧ୍ୟ ବିଭିନ୍ନ ପ୍ରକାରର ରୋଗ ଆକ୍ରମଣ କରିଥାଏ । ଉପଯୁକ୍ତ ସମୟରେ ସଠିକ୍ ଯତ୍ନ ନ ନିଆଗଲେ ଚିଙ୍ଗୁଡ଼ି ଚାଷ କ୍ଷତିଗ୍ରସ୍ତ ହୋଇଥାଏ । ମଧୁର ଜଳ ଚିଙ୍ଗୁଡ଼ିରେ ଦେଖାଯାଉଥିବା ବିଭିନ୍ନ ରୋଗ ଗୁଡ଼ିକ ମଧ୍ୟରୁ କଳା ଗାଲିସି ରୋଗ, କଳାଦାଗ ରୋଗ, ମହାମାରୀ ଭୂତାଣୁ ଜନିତ ଧଳା ମାଂସ ପେଶୀ ବା ଧଳା ଲାଞ୍ଜ ରୋଗ, ଜୀବାଣୁ ଜନିତ ପଚନ ରୋଗ ଏବଂ ଖୋଳପା ନଛାଡ଼ି ଶିଉଳି ଲାଗିବା ରୋଗ ମୁଖ୍ୟତଃ ବହୁଳ ଭାବରେ ଦେଖାଯାଇଥାଏ । ନିମ୍ନରେ ଏହି ରୋଗ ଗୁଡ଼ିକ ସମ୍ପର୍କରେ ବିଷଦ୍ ଭାବେ ବର୍ଣ୍ଣନା କରାଗଲା ।

### ୧. କଳା ଗାଲିସି ରୋଗ (Black Gill Disease)

**ଲକ୍ଷଣ :** ଏହି ରୋଗରେ ଚିଙ୍ଗୁଡ଼ିର ଗାଲିସି ଗୁଡ଼ିକ କଳା ରଙ୍ଗର ହୋଇଥାଏ ଏବଂ ଚିଙ୍ଗୁଡ଼ିର ନିଃଶ୍ୱାସ ନେବା କାର୍ଯ୍ୟ ବାଧାପ୍ରାପ୍ତ ହୋଇଥାଏ । ଚିଙ୍ଗୁଡ଼ି ଗୁଡ଼ିକ କୂଳକୁ ଆସି ମୁଣ୍ଡ ଟେକି ଭାସି ବୁଲନ୍ତି ।

**କାରଣ :** ସାଧାରଣତଃ ପୋଖରୀ ତଳ ମାଟିରେ ଅଧିକ ପରିମାଣର ଜୈବିକ ପଦାର୍ଥ ଜମି ରହି ଦୂଷିତ ହେବା ଦ୍ୱାରା ଏହି ରୋଗ ବ୍ୟାପିଥାଏ ।

**ନିରାକରଣ :** ଏହି ରୋଗର ନିଦାନ ସ୍ୱରୂପ ପୋଖରୀର ତଳ ପାଣିକୁ ନିଷ୍କାସିତ କରାଯାଇ ନୂଆ ପାଣି ପୂରାଯାଏ ଓ ପୋଖରୀରେ ୧ ଏକର ମିଟର ପିଛା ୫୦-୭୫ କେଜି ଜିଓଲାଇଟ୍‌କୁ ଅନ୍ୟୂନ ୨୪ ବାଲ୍‌ଟି ପାଣିରେ ମିଶାଇ ପୋଖରୀର ସର୍ବତ୍ର ପ୍ଲାଷ୍ଟିକ୍ ବାଲ୍‌ଟି ଓ ମଗ୍ ଦ୍ୱାରା ପକାଯାଇଥାଏ ।

### ୨. କଳା ଦାଗ ରୋଗ (Black Spot Disease)

**ଲକ୍ଷଣ :** ଏହି ରୋଗରେ ଚିଙ୍ଗୁଡ଼ି ଶରୀରର ଖୋଳପା ଆଂଶିକ ଛାଡ଼ିବା ସହ କଳା ରଙ୍ଗର ଦାଗ ସୃଷ୍ଟି ହୋଇଥାଏ । ଏହା ମୁଣ୍ଡ ଖୋଳପା ପେଟ ପାଖ ଓ ଲାଞ୍ଜ ଉପରେ ସାଧାରଣତଃ ଦେଖାଯାଇଥାଏ ।

**କାରଣ :** ଏହି ରୋଗ ପଚନ ରୋଗ ସୃଷ୍ଟି କରୁଥିବା ବିଭିନ୍ନ ଜୀବାଣୁ ଯଥା- ଲିଉକୋଥ୍ରିକ୍ସ (Leucothrix), ଏରୋମୋନାସ୍ (Aeromonas), ସିଉଡୋମୋନାସ୍ (Pseudomonas) ଏବଂ ଭିବ୍ରିଓ (Vibrio) ଇତ୍ୟାଦିଙ୍କ ସହ ଫ୍ୟୁଜାରିଅମ୍ (Fusarium) ନାମକ ଏକ କବକ ବା ଫିମ୍ପିର ମିଳିତ ପ୍ରଭାବ ଯୋଗୁଁ ଘଟିଥାଏ ।

**ନିରାକରଣ :** ଏହି ରୋଗର ପ୍ରତିକାର ବ୍ୟବସ୍ଥା ସ୍ୱରୂପ ପୋଖରୀର ତଳ ପାଣିକୁ ନିଷ୍କାସିତ କରାଯାଇ ନୂଆ ପାଣି ପୂରାଯାଏ ଯେପରିକି ପୋଖରୀର ୧୦-୧୫ ଶତାଂଶ ପୁରୁଣା ପାଣି ପରିବର୍ତ୍ତିତ ହୋଇପାରିବ । ଏହାପରେ ପୋଖରୀରେ ୧ ଏକର ମିଟର ପିଛା ବ୍ରୋମୋକ୍ଲନ - ୨ଲିଟର ବା ମାଇକ୍ରୋଆୟୋଡ଼ିନ୍ ୦.୫ ଲିଟରକୁ ଅନ୍ୟୂନ ୨୪ବାଲ୍‌ଟି ପାଣିରେ ମିଶାଇ ପୋଖାରୀରେ ଚାରିଆଡ଼େ ପ୍ଲାଷ୍ଟିକ୍ ବାଲ୍‌ଟି ଓ ମଗ୍ ଦ୍ୱାରା ପକାଯାଇଥାଏ ।

### ୩. ଜୀବାଣୁ ଜନିତ ପଚନ ରୋଗ (Bacterial Necrosis)

**ଲକ୍ଷଣ :** ଏହି ରୋଗରେ ଚିଙ୍ଗୁଡ଼ି ନିଶ ଗୁଡ଼ିକ କଟିଯାଏ ଏବଂ କଟିଯାଇଥିବା ସ୍ଥାନ କଳା ରଙ୍ଗର ହୋଇଥାଏ । ବେଳେ ବେଳେ ଚିଙ୍ଗୁଡ଼ିର ପହଁରିବା ପାଇଁ ଉଦ୍ଦିଷ୍ଟ ଗୋଡ଼ (Pleopods) ଓ ଲାଞ୍ଜ (Telson) ପଚିଯାଏ ।

**କାରଣ :** ଏହି ରୋଗ ଲିଉକୋଥ୍ରିକ୍ସ, ଏରୋମୋନାସ୍, ଭିବ୍ରିଓ ଓ ସିଉଡୋମୋନାସ୍ ପ୍ରଭୃତି

ଜୀବାଣୁ ମାନଙ୍କ ଦ୍ୱାରା ବ୍ୟାପିଥାଏ ।

**ନିରାକରଣ :** ଏହି ରୋଗର ନିରାକରଣ ବ୍ୟବସ୍ଥା ଉପର ଲିଖିତ କଳାଦାଗ ରୋଗର ପ୍ରତିକାର ବ୍ୟବସ୍ଥା ସହ ସମାନ ଅଟେ ।

**୪. ମହାମାରୀ ଭୂତାଣୁ ଜନିତ ଧଳା ମାଂସପେଶୀ ବା ଧଳା ଲାଞ୍ଜ ରୋଗ (White Muscle Disease/White tail Disease)**

**ଲକ୍ଷଣ :** ଏହି ରୋଗ ବ୍ୟାପିଲେ ଚାଷ ପୋଖରୀରେ ଥିବା ଚିଙ୍ଗୁଡ଼ି ଗୁଡ଼ିକ ୨୪-୪୮ଘଣ୍ଟା ମଧ୍ୟରେ ସାମୂହିକ ଭାବେ ମରିଯାନ୍ତି । ଏଯାବତ୍ ଓଡ଼ିଶାରେ ଏହି ରୋଗର ପ୍ରକୋପ ଦେଖାଯାଇ ନଥିଲେ ବି ଚାଷୀ ଭାଇମାନେ ଏଥିପାଇଁ ସତର୍କତା ଅବଲମ୍ବନ କରିବା ଉଚିତ୍ । ଏହି ରୋଗ ଦେଖାଦେଲେ ଚିଙ୍ଗୁଡ଼ିର ଶରୀର ଏବଂ ଲାଞ୍ଜ ପାଖର ମାଂସପେଶୀ ଅସ୍ୱଚ୍ଛ ଏବଂ ପେଜୁଆ ଧଳା ରଙ୍ଗର ହୋଇଥାଏ ।

**କାରଣ :** ଏହା ମାକ୍ରୋବ୍ରାକିୟମ୍ ରୋଜେନ୍‌ବର୍ଗୀ ନୋଡ଼ାଭାଇରସ୍ (Mr. NV) ନାମକ ଏକ ଭୂତାଣୁ ଦ୍ୱାରା ସଂକ୍ରମିତ ହୋଇଥାଏ ।

**ନିରାକରଣ :** ଏହି ରୋଗର ପ୍ରତିକାର ବ୍ୟବସ୍ଥା ସରୂପ ସବୁ ବେଳେ ରିଭର୍ସ ଟ୍ରାନ୍ସକ୍ରିପ୍‌ସନ୍-ପଲିମରେଜ୍ ଚେନ୍ ରିଆକ୍ସନ୍ (RT-PCR) ପରୀକ୍ଷା ଦ୍ୱାରା ପ୍ରମାଣିତ ନୋଡ଼ାଭାଇରସ୍ ରହିତ ଚିଙ୍ଗୁଡ଼ି ଜାଆଁଳ ଚାଷ ପାଇଁ ବ୍ୟବହାର କରାଯିବା ଉଚିତ୍ । ରୋଗ ନବ୍ୟାପିବା ପାଇଁ ରୋଗଗ୍ରସ୍ତ ହୋଇ ନଷ୍ଟ ହୋଇଯାଇଥିବା ଚିଙ୍ଗୁଡ଼ି ଗୁଡ଼ିକୁ ପୋଖରୀ ପାଣିରେ ଅନ୍ୟୁନ ଏକର-ମିଟର ପିଛା ୧୦୦ କେଜି ବ୍ଲିଚିଂ ପାଉଡ଼ର୍ ପକାଇ ବିଶୋଧନ କରିବା ବିଧେୟ ।

**୫. ଖୋଳପା ନ ଛାଡ଼ି ଶିଉଳି ଲାଗିବା ରୋଗ (Epibiotic Fouling)**

**ଲକ୍ଷଣ :** ଏହି ରୋଗ ଦ୍ୱାରା ଚିଙ୍ଗୁଡ଼ିଙ୍କ ଉପରେ ଲାଲୁଆ ସବୁଜ ରଙ୍ଗର ଶିଉଳି ବସିଯାଏ । ଚିଙ୍ଗୁଡ଼ିର ଖୋଳପା ନ ଛାଡ଼ିବା ଦ୍ୱାରା ମୋନେ ବଢ଼ିପାରନ୍ତି ନାହିଁ । ଏହା ସାଧାରଣତଃ ୧୮ଗ୍ରାମ୍ ହାରାହାରି ଓଜନରୁ ଉର୍ଦ୍ଧ୍ୱ ଚିଙ୍ଗୁଡ଼ିଙ୍କ କ୍ଷେତ୍ରରେ ଦେଖାଯାଇଥାଏ ।

**କାରଣ :** ଏହି ରୋଗ ଆଫାନୋମାଇସେସ୍ ନାମକ କବକ, ଲିଉକ୍ରୋଥ୍ରିକ୍ସ ନାମକ ଜୀବାଣୁ, ଏପିଷ୍ଟାଇଲିସ୍ ନାମକ ଏକକୋଷୀ ଜୀବ ଏବଂ ଜୁଥାନିୟମ୍ ଭର୍ଟିସେଲା ମାନଙ୍କ ଦ୍ୱାରା ବ୍ୟାପିଥାଏ ।

**ନିରାକରଣ :** ଏହି ରୋଗ ଦେଖାଦେଲେ ତୁରନ୍ତ ପୋଖରୀର ତଳ ପାଣିକୁ ନିଷ୍କାସିତ କରାଯାଇ ନୂଆପାଣି ପୂରାଯାଏ ଏବଂ ଏହାପରେ ଏକର-ମିଟର ପିଛା ୨୦-୨୫ କେଜି ଅକ୍ସାଇଡ୍ ଚୂନକୁ ସଙ୍ଗେ ସଙ୍ଗେ ପାଣି କରି ଗରମ ଥିବା ଅବସ୍ଥାରେ ପୋଖରୀର ସର୍ବତ୍ର ପକାଯାଇଥାଏ । ଏଥିରେ ସୁଫଳ ନମିଳିଲେ ଚୂନ ପ୍ରୟୋଗର ୭ଦିନ ପରେ ଏକର ମିଟର ପିଛା ୧୬ଲିଟର ଫର୍ମାଲିନ୍ ବା ୨୮୦ଗ୍ରାମ୍ ମାଲାଚାଇଟ୍ ଗ୍ରୀନ୍‌କୁ ଅନ୍ୟୁନ ୨୪ବାଲ୍‌ଟି ପାଣିରେ ମିଶାଇ ପୋଖରୀରେ ଚାରିଆଡ଼େ ପକାଯାଇଥାଏ । ଚିଙ୍ଗୁଡ଼ି ଚାଷରେ ଅଧିକ ଲାଭ ପାଇବାକୁ ହେଲେ ଚାଷୀ ଭାଇମାନଙ୍କୁ ଚିଙ୍ଗୁଡ଼ି ମାନଙ୍କର ଉପରୋକ୍ତ କେତୋଟି ମୁଖ୍ୟ ରୋଗ ଉପରେ ଜ୍ଞାନ ଆହରଣ କରିବାକୁ ପଡ଼ିବ । ଏହାଛଡ଼ା ପାଣିର ଗୁଣାତ୍ମକ ମାନକୁ ବଜାୟ ରଖିବା ପାଇଁ ଯତ୍ନବାନ ହେବାକୁ ପଡ଼ିବ । ଯଥା:

| | | |
|---|---|---|
| ଦ୍ରବୀଭୂତ ଅମ୍ଳଜାନ | = | ୫-୭ ପି.ପି.ଏମ୍. |
| ଜଳସ୍ୱଚ୍ଛତା | = | ୨୫-୩୫ ସେ.ମି. ସେଚିଡିସ୍କ |
| ମୋଟ କ୍ଷାରତ୍ୱ | = | ୫୦-୧୦୦ ପି.ପି.ଏମ୍. |
| ଜଳ ଉତ୍ତାପ | = | ୨୫-୩୦ ଡିଗ୍ରୀ ସେଣ୍ଟିଗ୍ରେଡ୍ |
| ଜଳ ଲବଣତା | = | ୫-୧୦ ପି.ପି.ଟି. |
| ମୋଟ ଆମୋନିଆ | = | ୦.୧ ପି.ପି.ଏମ୍‌ରୁ କମ୍ |
| ପି.ଏଚ୍. | = | ୭ - ୮.୫ |

ଜଳର ଗୁଣାତ୍ମକ ମାନଗୁଡ଼ିକ ଉପରୋକ୍ତ ପରିମାଣରେ ରହିବା ଉଚିତ୍ । ଏତଦ୍‌ବ୍ୟତୀତ ଚିଙ୍ଗୁଡ଼ିମାନଙ୍କ ଗତିବିଧି ପ୍ରତି ସର୍ବଦା ଧ୍ୟାନ ଦେବା ଆବଶ୍ୟକ । ପ୍ରତ୍ୟେକ ୭ଦିନ ଅନ୍ତରରେ ଫିଙ୍ଗାଜାଲ ପକାଇ କିଛି ନମୁନା ଚିଙ୍ଗୁଡ଼ିକୁ ଧରି ସେମାନଙ୍କର ଶାରୀରିକ ଅଭିବୃଦ୍ଧି ଓ ସ୍ୱାସ୍ଥ୍ୟ ବିଷୟରେ ଯାଞ୍ଚ କରିନେବା ଉଚିତ୍ । ଏସବୁ ଉପାୟ ଅବଲମ୍ବନ କଲେ ଚାଷୀ ଭାଇମାନେ ଚିଙ୍ଗୁଡ଼ି ଚାଷରେ ହେଉଥିବା କ୍ଷତିକୁ ଅନେକାଂଶରେ ରୋକିପାରିବେ ଏବଂ ଅଧିକ ଲାଭବାନ ହୋଇପାରିବେ ।

## ଲୁଣି ପାଣି ଚିଙ୍ଗୁଡ଼ିର ରୋଗ ଓ ଏହାର ପ୍ରତିକାର

ଚିଙ୍ଗୁଡ଼ିକୁ ହୋଷ୍ଟ ଭାବେ ନେଇ ସୃଷ୍ଟି ହେଉଥିବା ରୋଗ ଗୁଡ଼ିକର ୩ଟି ମୁଖ୍ୟ କାରଣ ଅଛି । ଯଥା- ପରିବେଶ, ପୋଷକତା ଏବଂ ରୋଗ ସୃଷ୍ଟିକାରୀ ଜୀବ । ଏଗୁଡ଼ିକ ମଧ୍ୟରୁ ଗୋଟିଏ ବା ଦୁଇଟି ଏକ ସମୟରେ ବା ତିନୋଟିଯାକ ଏକ ସମୟରେ କାର୍ଯ୍ୟରତ ହେଲେ ଚିଙ୍ଗୁଡ଼ିମାନେ ଷ୍ଟ୍ରେସ୍ ହୋଇ ରୋଗାକ୍ରାନ୍ତ ହୋଇଥାନ୍ତି । ଏତଦ୍‌ବ୍ୟତୀତ ଅଭିଜ୍ଞତା ନଥାଇ ଚିଙ୍ଗୁଡ଼ିଗୁଡ଼ିକୁ ଧରିବା ଦ୍ୱାରା ଅମ୍ଳଜାନର ପରିମାଣ ଅତିକମ୍ ବା ବେଶୀ ହେବା, ତାପମାତ୍ରା ଜନିତ ବାଧା, ପୋଷକତା କମ୍ ଥିଲେ ଏବଂ ଅନ୍ୟାନ୍ୟ ବହୁ ବିଷମୟ ପଦାର୍ଥ ଜଳରେ ଥିଲେ ଚିଙ୍ଗୁଡ଼ିଗୁଡ଼ିକୁ ବାଧା ପହଞ୍ଚିଥାଏ ଏବଂ ପରେ ରୋଗାକ୍ରାନ୍ତ ହେବାର ଦେଖାଯାଇଥାନ୍ତି । ଯଦି ରୋଗଗ୍ରସ୍ତ ଚିଙ୍ଗୁଡ଼ିର ସଂଖ୍ୟା ଅଧିକ ଥାଏ ତେବେ ଅତିଅଳ୍ପ ପରିମାଣର ବାଧା ପହଞ୍ଚିଥିଲେ ମଧ୍ୟ ପାଥୋଜେନ୍ ବା ରୋଗ ସୃଷ୍ଟିକାରୀ ଜୀବାଣୁ ଗୁଡ଼ିକ ବହୁଳଭାବେ ବଢ଼ିଥାନ୍ତି ଏବଂ ପରବର୍ତ୍ତୀ ସମୟରେ ଏହାଦ୍ୱାରା ସଂକ୍ରାମକ ରୋଗ ହୋଇଥାଏ । ତେଣୁ ରୋଗ ନିବାରଣର ପ୍ରଥମ ଉପାୟ ହେଉଛି ପୋଖରୀ ମଧ୍ୟରେ ଗୋଟିଏ ସୁସ୍ଥ ପରିବେଶ ସୃଷ୍ଟି କରିବା ଏବଂ ଉତ୍ତମ ପୋଷକ ଖାଦ୍ୟ ଦେବା ।

**ରୋଗର ଲକ୍ଷଣ**

ପ୍ରଥମରୁ ପୋଖରୀରେ ରୋଗ ହୋଇଛି ବୋଲି ଜାଣିବା ପାଇଁ ନିମ୍ନରେ ଦିଆଯାଇଥିବା ଚିହ୍ନ ଗୁଡ଼ିକ ବହୁତ ସହାୟକ ହୋଇଥାଏ । ଯଥା :

| | |
|---|---|
| ଖାଦ୍ୟର ପରିମାଣ କମ୍ ହେବା | ଇଣ୍ଟେଷ୍ଟାଇଲ୍ ନଳୀ ଖାଲିଥାଏ/<br>ମଳର ରଙ୍ଗରେ ପରିବର୍ତ୍ତନ ହେବା |
| ଚିଙ୍ଗୁଡ଼ିର ରଙ୍ଗରେ ବ୍ୟାପକ ପରିବର୍ତ୍ତନ | ଅବସ୍ଥାରେ ବ୍ୟାପକ ପରିବର୍ତ୍ତନ ହେବା |
| ଆଣ୍ଟେନ୍ୟାଲ୍ ରଟ୍ ବା ସମ୍ପୂର୍ଣ୍ଣ ନଥିବା | ଲେଥାର୍ଜି ବା ସକ୍ରିୟ ନଥାଇ ନିରସିଆ ଥିବା |
| ଖୋଳପା ଖଣ୍ଡିଆ ହେବା/କମିଯିବା | କମ୍‌ବୃଦ୍ଧି, ମୋଲଟିଙ୍ଗ୍ ନହେବା |

| | |
|---|---|
| ଶାରୀରିକ ଅସମ୍ପୂର୍ଣ୍ଣତା (ଡିଫର୍ମିଟି) | ଖୋଳପା ଉପର ଭାଗରେ ଏପିଦିଅଣ୍ଡ ଲାଗି ରହିଥିବା/ସଂଖ୍ୟାରେ ବୃଦ୍ଧି ହେବା |
| ମାଂସପେଶୀ ଅସଚ୍ଛ (ଓପେକ୍) ହେବା | ଅନିୟମିତ ଭାବେ ନରମ ଖୋଳପା ରହିବା |
| ଅସାଭାବିକ ଭାବେ ପହଁରିବା (ଉପର ଭାଗରେ ବା ପୋଖରୀର କୂଳରେ ପହଞ୍ଚିବା) | ଅଧିକ ସଂଖ୍ୟାରେ ମରିବା |

**ପିନିଇଡ୍ ଶ୍ରେଣୀର ଚିଙ୍ଗୁଡ଼ିରେ ଦେଖାଯାଉଥିବା ରୋଗ**

**୧. ମନୋଡନ୍ ବାକୁଲୋ ଭାଇରସ୍ ରୋଗ (ଏମ୍.ବି.ଭି.)**

**ରୋଗର କାରଣ :** ଭାଇରସ୍ ଗୁଡ଼ିକ ରହିଥିବାରୁ ହେପାଟୋପାନ୍କ୍ରିଆସ୍ ଏବଂ ଖାଦ୍ୟନଳିକାର ଭିତର ପାଖ ନଷ୍ଟ ହୋଇଯାଏ । ଶରୀରର ଏହି ଅଙ୍ଗଗୁଡ଼ିକ କ୍ଷତିଗ୍ରସ୍ତ ହୋଇଯିବାରୁ ଚିଙ୍ଗୁଡ଼ି ଦୁର୍ବଳ ହୋଇଥାଏ ଏବଂ ପରେ ମୃତ୍ୟୁବରଣ କରିଥାଏ ।

**ରୋଗର ପ୍ରତିକାର :** ଚିଙ୍ଗୁଡ଼ି ଛାଡ଼ିବା ସମୟରେ ଏମ୍.ବି.ଭି. ନଥିବା ଶିଶୁ ଚିଙ୍ଗୁଡ଼ି ଛାଡ଼ିବା ଉଚିତ । ରୋଗଗ୍ରସ୍ତ ଚିଙ୍ଗୁଡ଼ିକୁ ପୋଡ଼ି ଦେବା ବା ଚୂନ ସହ ପୋତି ଦେବା ଉଚିତ ।

**୨. ହାଇପୋଡ଼ରମାଲ୍ ଏବଂ ହେମାଟୋ ପୋଏଟିକ୍ ରୋଗ**

**ରୋଗର କାରଣ :** ଲାର୍ଭା ସ୍ତରରେ (ଜୋଇଆ ଏବଂ ମାଇସିସ୍) ଥିବା କଳା ଟାଇଗର୍‌ରେ ଏହା ପରସ୍ପର ସହ ସଂସ୍ପର୍ଶରେ ଆସି ବ୍ୟାପିଥିବାର ଦେଖାଯିବାର ସମ୍ଭାବନା ଥାଏ ।ଭାଇରସ୍ ରହିଥିବାରୁ ଚିଙ୍ଗୁଡ଼ିର କ୍ୟୁଟିକଲ, ରକ୍ତ ତିଆରି କରୁଥିବା ଟିସ୍ୟୁ ଏବଂ ସଂଯୋଜକ ଟିସ୍ୟୁ ଗୁଡ଼ିକର କୋଷ ଗୁଡ଼ିକ ମରିଯାଇଥାନ୍ତି ।ଯାହା ଫଳରେ ଉଦ୍‌ବାୟୀ ପଦାର୍ଥର ସୃଷ୍ଟି ହୋଇ ଚିଙ୍ଗୁଡ଼ିମାନେ ମରିଯାଆନ୍ତି ।

**ରୋଗର ପ୍ରତିକାର :** ଆଇ.ଏଚ୍.ଏଚ୍.ଏନ୍.ଭି. (IHHNV) ରୋଗଗ୍ରସ୍ତ ପୋଷ୍ଟଲାର୍ଭା, ଜୁଭେନାଇଲ୍ ବା ଆଡ଼ଲଟ୍ ଚିଙ୍ଗୁଡ଼ି ଗୁଡ଼ିକୁ ପୋଖରୀ ମଧ୍ୟରେ ରଖିବା ଉଚିତ ନୁହେଁ । କ୍ୱାରାଣ୍ଟାଇନ୍ ପଦ୍ଧତିକୁ ସମସ୍ତ ବଞ୍ଚିଥିବା ଏବଂ ନୂଆକରି ଛଡ଼ା ଯାଇଥିବା ଚିଙ୍ଗୁଡ଼ି ଗୁଡ଼ିକ ପ୍ରତି ଲାଗୁ କରିବା ଉଚିତ ।

**୩. ହେପାଟୋପାନ୍କ୍ରିଆଟିକ୍ ପାର୍ଭୋ ଭଳି ଦିଶୁଥିବା ଭାଇରସ୍ ଜନିତ ରୋଗ**

**ରୋଗର କାରଣ :** ଭାଇରସ୍ ଗୁଡ଼ିକ ଦ୍ୱାରା କୋଷଗୁଡ଼ିକ ମରିଯାଇଥାନ୍ତି ଏବଂ ହେପାଟୋପାନ୍କ୍ରିଆସ୍ ଶୁଖିଯାଇ ସଂକୋଚିତ ହୋଇଯାଇଥାଏ । ଏହିସବୁ ଅଙ୍ଗରେ କ୍ଷତ ହୋଇଥିବାରୁ ଅସାଭାବିକ ଭାବେ ଉଦ୍‌ବାୟୀ ପଦାର୍ଥ ସୃଷ୍ଟି ହେବା ଫଳରେ ଚିଙ୍ଗୁଡ଼ିମାନେ ମରିଯାନ୍ତି ।

**ରୋଗର ପ୍ରତିକାର :** ଏଚ୍.ପି.ଭି. ନଥିବା ଚିଙ୍ଗୁଡ଼ି ଚାଷ କରିବା ଦରକାର । ରୋଗଗ୍ରସ୍ତ ଚିଙ୍ଗୁଡ଼ିକୁ ମାରି ଦେବା ଉଚିତ ।

**୪. ଲୁମିନସ୍ ବ୍ୟାକ୍ଟେରିଆଜନିତ ରୋଗ**

**ରୋଗର କାରଣ :** ରୋଗଗ୍ରସ୍ତ ହେବାରୁ ଲାର୍ଭା ଏବଂ ଲାର୍ଭାପର ଅବସ୍ଥାରେ ମରିବା ଚିଙ୍ଗୁଡ଼ିଙ୍କର ସଂଖ୍ୟା ବଢ଼ିଥାଏ ଏବଂ ଧିରେ ଧିରେ ୧୦୦% ରୋଗଗ୍ରସ୍ତ ଚିଙ୍ଗୁଡ଼ି ମରିଯାଇଥାନ୍ତି ।

**ରୋଗର ପ୍ରତିକାର :** (ଏହା ହାଚେରୀରେ ସୃଷ୍ଟି ହୋଇଥିବାରୁ ଚାଷୀଙ୍କର ଏଥିରେ କିଛି କରିବାରେ ନଥାଏ) ଶ୍ରୀ ଅଲଟ୍ରାଭାଇଲେଟ୍ ଦ୍ୱାରା ବିଶୁଦ୍ଧ ଜଳ ବା ଗୁଡ଼ିଏ ଫିଲ୍‌ଟରକୁ ସିରିଜ୍ ଭାବେ ରଖି ଜଳକୁ ତାହା ଦ୍ୱାରା ଫିଲ୍ଟର କରିବା (ଯଥା- ବାଲିଟି ଫିଲ୍ଟର, କ୍ୟାଟ୍ରିନ୍ ଫିଲ୍ଟର, ୦.୪୫ ମାଇକ୍ରୋଫିଲ୍ଟର ଇତ୍ୟାଦି) ଏବଂ କ୍ଲୋରିନ୍ ମିଶାଇବା ଆଦି ପଦ୍ଧତି ଦ୍ୱାରା ଜଳକୁ ବିଶୁଦ୍ଧ କରିବା ଦ୍ୱାରା ଲୁମିନସ୍ ବ୍ୟାକ୍ଟେରିଆକୁ ହାଚେରୀ ମଧ୍ୟକୁ ପ୍ରବେଶ କରିବାକୁ ଦିଆଯାଇନଥାଏ ।

## ୫. ଫିଲାମେଣ୍ଟସ୍ ବ୍ୟାକ୍ଟେରିଆ ଜନିତ ରୋଗ

**ରୋଗର କାରଣ :** ଶରୀରର ଗଣ୍ଠି ବା ଯୋଡ଼ ସ୍ଥାନମାନଙ୍କରେ ଏବଂ ଶରୀର ଉପର ଅଂଶରେ ଏହି ଫିଲାମେଣ୍ଟସ ବା ସୂତା ସଦୃଶ ପଦାର୍ଥ ଜନ୍ମିଥିବାରୁ ଚିଙ୍ଗୁଡ଼ିର ଦୈନନ୍ଦିନ ଯାତାୟତ ସମୟରେ ଏବଂ ମୋଲ୍‌ଟିଂ ସମୟରେ ଅସୁବିଧା ହୋଇଥାଏ ଏବଂ ବେଳେ ବେଳେ ଏହି ସୂତା ସଦୃଶ ପଦାର୍ଥରେ ଅନ୍ୟାନ୍ୟ ଜୀବାଣୁ ବସାବାନ୍ଧି ରହିବା ଫଳରେ ଅନ୍ୟ ରୋଗ ସୃଷ୍ଟି ହୋଇଥାଏ ।

**ରୋଗର ପ୍ରତିକାର :** ସଠିକ୍ ମାତ୍ରାରେ ଦ୍ରବୀଭୂତ ଅମ୍ଳଜାନ ଏବଂ ଅଳ୍ପ ଜୈବିକ ପଦାର୍ଥର ପରିମାଣ ସହ ଜଳର ଗୁଣମାନ ରକ୍ଷା କରିବା ଉଚିତ୍ । ଚିକିତ୍ସା ପାଇଁ ଅଭିଜ୍ଞ ବ୍ୟକ୍ତିଙ୍କ ସହ ପରାମର୍ଶ କରିବା ଆବଶ୍ୟକ ।

## ୬. ଫିମ୍ପିଜନିତ ରୋଗ ଲାର୍ଭାଲ୍ ମାଇକୋସିସ୍

**ରୋଗର କାରଣ :** ରୋଗଗ୍ରସ୍ତ ଅଣ୍ଡା, ଲାର୍ଭା ଏବଂ ଲାର୍ଭା ପରଅବସ୍ଥାର ବିହନ ଧଳା ଧଳା ଦେଖାଯାଇଥାନ୍ତି, ଦୁର୍ବଳ ହୋଇଥାନ୍ତି ଏବଂ ପରବର୍ତ୍ତୀ ଅବସ୍ଥାରେ ମରିଯାଆନ୍ତି । ଏହାଦ୍ୱାରା ପ୍ରାୟ ୧୦୦% ବିହନ ୨ଦିନ ମଧ୍ୟରେ ମରିଯାଇଥାନ୍ତି ।

**ରୋଗର ପ୍ରତିକାର :** ଜଳର ଉତ୍ତମ ଗୁଣମାନ ରକ୍ଷା କରିବା ଉଚିତ ।

ଲାର୍ଭାର ବଢ଼ିବା ସମୟରେ ଏବଂ ତା ପୂର୍ବ ଓ ପର ଅବସ୍ଥାରେ ପରିଚ୍ଛନ୍ନତା ରକ୍ଷା କରିବା ଉଚିତ ।

## ୭. ପ୍ରୋଟୋଜୋଆ ଜନିତ ରୋଗ

**ରୋଗର କାରଣ :** ଜଳରେ ଅତି ଅଳ୍ପ ଦ୍ରବୀଭୂତ ଅମ୍ଳଜାନ ଥିଲେ ଏବଂ ଯଦି ପ୍ରୋଟୋଜୋଆମାନେ ବହୁ ସଂଖ୍ୟାରେ ଶରୀରର ଯୋଡ଼ା ସ୍ଥାନରେ ଏବଂ ଗିଲ୍‌ରେ ଜମା ହୋଇଥିଲେ ଚିଙ୍ଗୁଡ଼ିମାନଙ୍କ ଯାତାୟତ ଓ ଶ୍ୱାସକ୍ରିୟାରେ ଅସୁବିଧା ହୋଇଥାଏ । ଖାଦ୍ୟର ପରିମାଣ କମିଯାଇଥାଏ ।

**ରୋଗର ପ୍ରତିକାର :** ଜଳରେ ଅଧିକ ଅର୍ଗାନିକ୍ ଲୋଡ୍, ବହୁ ପରିମାଣରେ ପଟୁ ଜମିବା, ଘୋଳିଆ ପାଣି ଏବଂ ଅଳ୍ପ ପରିମାଣର ଅମ୍ଳଜାନ ମାତ୍ରାକୁ ଏଡ଼ାଇବା ଉଚିତ୍ । ପ୍ରୋଟୋଜୋଆମାନଙ୍କର ପ୍ରକାର ଭେଦ ନେଇ ଭିନ୍ନ ଭିନ୍ନ ମାତ୍ରାର ଫର୍ମାଲିନ୍ ବ୍ୟବହାର କରାଯାଇପାରେ ।

## ୮. ମାଇକ୍ରୋସ୍ପୋରିଡ଼ିଆନ୍ ମାନଙ୍କ ଦ୍ୱାରା ଆକ୍ରାନ୍ତ ରୋଗ

**ରୋଗର କାରଣ :** ରୋଗ ଅପେକ୍ଷାକୃତ କମ୍ ଗତିରେ ବ୍ୟାପିଥାଏ (ସାଧାରଣତଃ ୧୦%) କିନ୍ତୁ ପାରାସାଇଟ୍ ଗୁଡ଼ିକ ରୋଗ ସୃଷ୍ଟିକାରୀ ଅଟନ୍ତି ।

**ରୋଗର ପ୍ରତିକାର :** ରୋଗାକ୍ରାନ୍ତ ଚିଙ୍ଗୁଡ଼ିକୁ ପୋଖରୀ ବାହାରକୁ ନେଇ ଯିବା ଦରକାର ଏବଂ ସେଗୁଡ଼ିକୁ ଜଳାଇ କିମ୍ବା ଗରମ କରି ନଷ୍ଟ କରିଦେବା ଉଚିତ ।

## ୯. ଗ୍ରୀଗେରାଇନ୍ ରୋଗ

**ରୋଗର କାରଣ :** ରୋଗର ମାତ୍ରା ବଢ଼ି ବଢ଼ି ପୋଖରୀରେ ଚାଷ କରାଯାଉଥିବା ଚିଙ୍ଗୁଡ଼ିଙ୍କ ପାଇଁ ୯୪%ରେ ପହଞ୍ଚିଥାଏ ।

**ରୋଗର ପ୍ରତିକାର :** ପୋଖରୀରୁ ଶାମୁକା ଗୁଡ଼ିକୁ ବାହାର କରିଦେବା ଆବଶ୍ୟକ ।

## ୧୦. ବିଷାକ୍ତ ଏବଂ ପରିବେଶ ଜନିତ ରୋଗ

**ରୋଗର କାରଣ :** ରୋଗଗ୍ରସ୍ତ ଚିଙ୍ଗୁଡ଼ି ଗୁଡ଼ିକ ନରମ ଖୋଳପାଧାରୀ ହୋଇଥାନ୍ତି ।ଆସ୍ତେ ଆସ୍ତେ ବଢ଼ନ୍ତି ଏବଂ ଶେଷରେ ମରିଯାନ୍ତି ।

**ରୋଗର ପ୍ରତିକାର :** ପ୍ରତିଦିନ ୨୦-୨୫% ପୋଖରୀର ଜଳ ପରିବର୍ତ୍ତନ କରିବା ଉଚିତ । ସଦ୍ୟଖାଦ୍ୟ ଯଥା ଶାମୁକା, ଗେଣ୍ଡାର ମାଂସ ପ୍ରତିଦିନ ହାରାହାରି ଶରୀର ଓଜନର ୮-୧୫% ହିସାବରେ ୨ ରୁ ୪ ସପ୍ତାହ ପର୍ଯ୍ୟନ୍ତ ଦେବା ଉଚିତ୍ କିମ୍ବା କ୍ୟାଲସିୟମ୍ ଓ ଫସ୍‌ଫରସ୍‌ର ଅନୁପାତ ୧:୧ ଥିବା ଖାଦ୍ୟ ବ୍ୟବହାର କରିବା ଉଚିତ୍ ।

## ୧୧. ଗ୍ୟାସ୍ ବବଲ୍ ରୋଗ

**ରୋଗର କାରଣ :** ଅଣୁବୀକ୍ଷଣ ଯନ୍ତ୍ର ସାହାଯ୍ୟରେ ଗିଲ ବା ଗାଲିସି ଏବଂ ତନ୍ତୁକୁ ପରୀକ୍ଷା କଲେ ଗ୍ୟାସ୍ ବବଲ୍ ଥିବାର ଦେଖାଯାଇଥାଏ ।

**ରୋଗର ପ୍ରତିକାର :** ଯଦି ପୋଖରୀର ଦ୍ରବୀଭୂତ ଅମ୍ଳଜାନ ମାତ୍ରାକୁ କମ୍ କରିବାର ସଠିକ୍ ଉପାୟ ଗ୍ରହଣ କରାଯାଏ ତେବେ ଅମ୍ଳଜାନ ସୁପର୍ ସାଚୁରେସନ୍ ଚିଙ୍ଗୁଡ଼ି ପ୍ରତି କ୍ଷତିକାରକ ହୋଇନଥାଏ ।

## ୧୨. ବ୍ଲିଷ୍ଟରମ୍ କିମ୍ବା ଫ୍ରପସି ରୋଗ

**ରୋଗର କାରଣ :** ସାଧାରଣତଃ ପାଣିର ବ୍ଲିଷ୍ଟର ଯେଉଁଥିରେ କି ତରଳ ପଦାର୍ଥ ଏବଂ ଅନ୍ୟ ପଦାର୍ଥ ଥାଏ ଏବଂ ଯାହାର ରଙ୍ଗ ସ୍ବଚ୍ଛରୁ ବାଦାମୀ ବା କଳା ହୋଇଥାଏ ସେଗୁଡ଼ିକ ମୁଣ୍ଡ ବା କାରାପେସର ବ୍ରାଙ୍କିଓଷ୍ଟେଗାଲ୍ ଅଞ୍ଚଳରେ ବା ବେଳେବେଳେ ପେଟରେ ଏବଂ ଲାଞ୍ଜ ପାଖ ଅଂଶରେ ଦେଖାଦେଇଥାଏ ।

**ରୋଗର ପ୍ରତିକାର :** ପୋଖରୀ ପରିବେଶର ଗୁଣମାନ ବୃଦ୍ଧି କରିବା ଉଚିତ ।
ଉଚିତ୍ ମାତ୍ରାର ପୋଷାହାର ଯୋଗାଇବା ଜରୁରୀ ।

## ୧୩. ବିଷାକ୍ତ ଆଲଗି ଦ୍ୱାରା ଆକ୍ରାନ୍ତ ରୋଗ

**ରୋଗର କାରଣ :** ମୋଲ୍‌ଟିଂ, ପରବର୍ତ୍ତୀ କ୍ଷେତ୍ରରେ ହାତରେ ଧରିବା ଦ୍ୱାରା ହେଉଥିବା ବାଧାଦ୍ୱାରା ଚିଙ୍ଗୁଡ଼ିମାନେ ମରିଯାଇଥାନ୍ତି ।ଅସ୍ମୋଟିକ୍ ଅସମାନତା ବା ମଝିରେ ଖାଦ୍ୟନଳୀରେ ମ୍ୟୁକୋସା ନଷ୍ଟ ହୋଇଯିବାରୁ କିମ୍ବା ସେକେଣ୍ଡାରୀ ବ୍ୟାକ୍ଟେରିଆ ଦ୍ୱାରା ହେଉଥିବା ସେପ୍ଟିସେମିଆସ୍ ଦ୍ୱାରା ଚିଙ୍ଗୁଡ଼ି ମାନେ ମରିଯାଆନ୍ତି ।

**ରୋଗର ପ୍ରତିକାର :** ଅଭିଜ୍ଞ ବ୍ୟକ୍ତିଙ୍କ ଦ୍ୱାରା ଆଣ୍ଟିବାୟୋଟିକ୍ ଏବଂ ଆଲଗିସାଇଡ୍‌ର ବ୍ୟବହାର କରିବା ଦରକାର ।

## ୧୪. ବ୍ଲାକ୍ ଗିଲ୍ ରୋଗ

**ରୋଗର କାରଣ :** ଚିଙ୍ଗୁଡ଼ି ତନ୍ତୁର ଯେଉଁ ସ୍ଥାନରେ ବହୁ ମାତ୍ରାରେ ହେମୋସାଇଟ୍ ସକ୍ରିୟତା (ଇନ୍‌ଫ୍ଲେମେସନ୍) ହୋଇଥାଏ, ସେହିସବୁ ସ୍ଥାନରେ ବହୁ ପରିମାଣରେ କଳାରଙ୍ଗର ପିଗମେଣ୍ଟ ଜମି ରହିଥାଏ ଯାଫଳରେ ଗିଲ୍ ଗୁଡ଼ିକ କଳା ଦେଖାଯାଇଥାଏ ।

**ରୋଗର ପ୍ରତିକାର :** ଅଧିକ ଖାଦ୍ୟ ଦେବା ଅନୁଚିତ ।

ଜଳକୁ ବାରମ୍ବାର କମ୍ ସମୟ ବ୍ୟବଧାନରେ ପରିବର୍ତ୍ତନ କରିବା ଉଚିତ ।

ଚାଷ ସମୟରେ ବାରମ୍ବାର ଜଳ ନିଷ୍କାସନ କରିବା ଉଚିତ ।

ନୀଳରୋଗ/ଖୋଳପା ନୀଳ ହେବା ସିଣ୍ଡ୍ରୋମ୍

**ରୋଗର କାରଣ :** ହେପାଟୋପାନ୍‌କ୍ରିଆସ୍‌ରେ ହିଷ୍ଟୋପାଥୋଲୋଜିକାଲ୍ ପରିବର୍ତ୍ତନ ହୋଇ ଟ୍ୟୁବୁଲସର୍ ନଷ୍ଟ ହେବା ଦ୍ୱାରା ଏହି ରୋଗ ଦେଖାଦିଏ ।

**ରୋଗର ପ୍ରତିକାର :** ପୋଖରୀର ତଳ ଭାଗରେ ଥିବା ଅଧିକ ହାଇଡ୍ରୋଜେନ୍-ସଲ୍‌ଫାଇଡ୍ ମିଶ୍ରିତ ଜଳକୁ କମ୍ କରିବା ପାଇଁ ଆୟତନର ୧୦-୧୫% ଜଳ ପରିବର୍ତ୍ତନ କରିବା ଉଚିତ୍ । ବିହନ ଛାଡ଼ିବା ପାରିପାର୍ଶ୍ୱକୁ କମ୍ କରିବା ଉଚିତ୍ ଏବଂ ଅଧିକ ଗୁଣମାନର ଖାଦ୍ୟ ଦେବା ଉଚିତ୍ ।

## ୧୫. ଲାଲ୍ ରୋଗ

**ରୋଗର କାରଣ :** ହେପାଟୋପାନ୍‌କ୍ରିଆସ୍‌ରେ ଅଟ୍ରୋଫି ଏବଂ ନେକ୍ରୋସିସ୍ ହେବା ଫଳରେ ହେମୋସାଇଟିକ୍ ପଦାର୍ଥ ଶରୀର ଭିତରକୁ ଚାଲିଯିବା ଦ୍ୱାରା ଏବଂ ତିନି ସପ୍ତାହ ପରେ ଫାଇବ୍ରୋସିସ୍ ହେବା ଫଳରେ ଏହି ରୋଗ ସୃଷ୍ଟି ହୋଇଥାଏ । ତିନି ମାସ ମଧ୍ୟରେ ମୃତ୍ୟୁ ସଂଖ୍ୟା ବଢ଼ି ବଢ଼ି ୯୮%ରେ ପହଞ୍ଚିଯାଏ ।

**ରୋଗର ପ୍ରତିକାର :** ସଦ୍ୟ ପ୍ରସ୍ତୁତ ଖାଦ୍ୟ ବ୍ୟବହାର କରିବା ଉଚିତ ।

ପୋଖରୀ ପ୍ରସ୍ତୁତିକରଣ ସମୟରେ କମ୍ ଚୂନ ପକାଇବା ଉଚିତ ।

ଖୋଲାପବନ ଯାତାୟତ ସ୍ଥାନରେ ଏବଂ ଥଣ୍ଡାଳିଆ ଘରେ ଯେଉଁଠାରେ ତାପମାତ୍ରା ୧୦-୨୦ ଡିଗ୍ରୀ ସେଲ୍‌ସିୟସ୍ କିମ୍ବା ତାଠାରୁ କମ୍‌ରେ ଥାଏ ସେଠାରେ ଖାଦ୍ୟ ଜମା କରି ରଖିବା ଉଚିତ ।

## ୧୬. ମାଂସପେଶୀର ନେକ୍ରୋସିସ୍

**ରୋଗର କାରଣ :** ରୋଗଗ୍ରସ୍ତ ଅଂଶଗୁଡ଼ିକରେ ଯଥା ୟୁରୋପଡ଼ ଗୁଡ଼ିକ ଏବଂ ମାଂସପେଶୀ ଗୁଡ଼ିକ ଯାହାକି ଲାଞ୍ଜ ଅଂଶରେ ମୁଖ୍ୟତଃ ଛିଡ଼ିଛିଡ଼ି ଯାଇଥାଏ, କୋଷ ଗୁଡ଼ିକ ମରିଯାଇଥାଏ । ଏହିସବୁ କ୍ଷତ ସ୍ଥାନ ଗୁଡ଼ିକ ବ୍ୟାକ୍ଟେରିଆ ପାଇଁ ଗୋଟିଏ ସେକେଣ୍ଡାରୀ ସିଷ୍ଟେମିକ୍ ଇନ୍‌ଫେକ୍ସନ୍ ସୃଷ୍ଟି କରିବାରେ ସହାୟକ ହୋଇଥାଏ ।

**ରୋଗର ପ୍ରତିକାର :** ବାରମ୍ବାର ବା ଦୈନିକ ଜଳ ପରିବର୍ତ୍ତନ (୫-୧୦%) ଦ୍ୱାରା ଜଳର ଗୁଣମାନ ଉତ୍ତମ ରଖାଯାଇପାରିବ ।

ପୋଖରୀରେ ବିହନ ଛାଡ଼ିବାର ପରିମାଣ କମ୍ କରିବା ଉଚିତ୍ ।

ଅଧିକ ଖାଦ୍ୟ ଦେବା ପରିବର୍ତ୍ତେ ସଠିକ୍ ପରିମାଣର ଖାଦ୍ୟ ଦେବା ଉଚିତ ।

## ୧୭. ଲାଞ୍ଜ ବଙ୍କିଯିବା, ଶରୀର ବଙ୍କା ହୋଇଯିବା ରୋଗ

**ରୋଗର କାରଣ :** ଆଂଶିକ କିମ୍ବା ଚିଙ୍ଗୁଡ଼ିମାନେ ସେମାନଙ୍କର ଆବଡ଼ୋମେନ୍ ବା ପେଟ ଦ୍ଵାରା ପହଁରିବା ବେଳେ ସମ୍ପୂର୍ଣ୍ଣ ଭାବେ ବଙ୍କାଥିବା ଚିଙ୍ଗୁଡ଼ିଙ୍କୁ ପୋଖରୀର ତଳ ଭାଗରେ କଡ଼େଇ ହୋଇ ରହିଥାନ୍ତି ।ଏହି ଅବସ୍ଥାରେ ବଙ୍କେଇ ଯାଇଥିବା ଚିଙ୍ଗୁଡ଼ି ରହିଲେ ଭଲ ଚିଙ୍ଗୁଡ଼ି ମାନଙ୍କର ଆକ୍ରମଣର ସମ୍ମୁଖୀନ ହୋଇଥାନ୍ତି ଏବଂ ମରିଯାନ୍ତି ।

**ରୋଗର ପ୍ରତିକାର :** ସମ୍ଭାବ୍ୟ କାରଣ ଗୁଡ଼ିକ, ମୁଖ୍ୟତଃ ବାହ୍ୟ କାରଣ ଗୁଡ଼ିକୁ ସୃଷ୍ଟି ହେବାକୁ ଦେବା ଉଚିତ୍ ନୁହେଁ ।

## ୧୮. ଏସିଡ୍ ସଲ୍‌ଫେଟ୍ ରୋଗ ସିଣ୍ଡ୍ରୋମ୍

**ରୋଗର କାରଣ :** ଚିଙ୍ଗୁଡ଼ିରେ ସାଧାରଣତଃ ହେଉଥିବା ବିଭାଜନ ପ୍ରକ୍ରିୟା (ମେଟାବୋଲିଜିମ୍) କମିଯାଇଥାଏ ।ଫଳରେ ଶରୀର ବୃଦ୍ଧି କମିଯାଇଥାଏ ଏବଂ ଶେଷରେ ଚିଙ୍ଗୁଡ଼ି ମରିଯାଇଥାନ୍ତି ।

**ରୋଗର ପ୍ରତିକାର :** ଜଳର ପିଏଚ୍‌କୁ ସବୁବେଳେ ପରୀକ୍ଷା କରିବା ଉଚିତ ।
ଯେପରି ଦରକାର ହେଉଥାଏ ସେହି ମାତ୍ରାରେ ପୋଖରୀ ବନ୍ଧରେ ଚୂନ ପକାଇବା ଉଚିତ୍ ଏବଂ ଚୂନ ବସ୍ତାକୁ ବାନ୍ଧି ରଖିବା ଉଚିତ ।
ବିହନ ଛାଡ଼ିବା ପୂର୍ବରୁ ପୋଖରୀ ତଳ ପାଖକୁ ଚୂନ ପକାଇ ଏବଂ ପାଣିରେ ଧୋଇଦେଇ ଅଳ୍ପ ପିଏଚ୍ ଥିବା ମାଟିରେ ବ୍ୟବହାର କରିବା ଉଚିତ ।

## ୧୯. ହାଇପୋକ୍ସିଆ (Hypoxia)

**ରୋଗର କାରଣ :** ଅଧିକ ସମୟ ଧରି ଶ୍ୱାସକ୍ରିୟାରେ ବାଧା ପହଞ୍ଚିବା ଫଳରେ ଚିଙ୍ଗୁଡ଼ି ମରିଯାନ୍ତି ।

**ରୋଗର ପ୍ରତିକାର :** ଅପରାହ୍ନରେ ଓ ବଡ଼ି ସକାଳୁ ଦ୍ରବୀଭୂତ ଅମ୍ଳଜାନର ମାତ୍ରାକୁ ମାପିବା ଉଚିତ ।
ହଠାତ୍ ଜଳ ପରିବର୍ତ୍ତନ ପାଇଁ ବାୟୁ ମିଶ୍ରଣର ଯନ୍ତ୍ର ଏବଂ ଜଳ ପମ୍ପ ଯୋଗାଇ ଦେବା ଉଚିତ ।

## ଚିଙ୍ଗୁଡ଼ି ଚାଷର ରୋଗ ନିୟନ୍ତ୍ରଣ

ରୋଗ ନିୟନ୍ତ୍ରଣ ପାଇଁ ତିନୋଟି କାରଣ ଥାଏ, ଯଥା: ନିବାରଣ, ସଠିକ୍ ନିର୍ଣ୍ଣୟ ଏବଂ ଚିକିତ୍ସା ।
ଯେକୌଣସି ରୋଗ ନିୟନ୍ତ୍ରଣ ବ୍ୟବସ୍ଥାର ମୁଖ୍ୟ ପ୍ରକ୍ରିୟା କହିଲେ ରୋଗ ନିବାରଣକୁ ବୁଝାଇଥାଏ ।ଚାଷୀକୁ " ରୋଗ ନିବାରଣ ହିଁ ରୋଗମୁକ୍ତ କରିବା ଅପେକ୍ଷା ଉତ୍ତମ ପ୍ରକ୍ରିୟା" ଏହି ପଦ୍ଧତି ପାଳନ କରିବା ଉଚିତ ।

ରୋଗ ନିୟନ୍ତ୍ରଣ ବ୍ୟବସ୍ଥାର ପ୍ରଥମ ପାହାଚ ହେଉଛି ରୋଗ ପ୍ରତିବନ୍ଧ ସୃଷ୍ଟିକାରୀ କାରଣ ଗୁଡ଼ିକର ଉଚିତ୍ ପରିଚାଳନା ।ରୋଗର ନିୟନ୍ତ୍ରଣର ଦ୍ୱିତୀୟ ପାହାଚ ହେଉଛି କେମୋଥେରାପି (Chemotherapy) ଖାଦ୍ୟ ଏବଂ ପରିବେଶର ପରିବର୍ତ୍ତନ କରିବା ଏବଂ ଅତି ଅଳ୍ପ ପରିମାଣରେ ରାସାୟନିକ ଚିକିତ୍ସା ଦ୍ଵାରା ସାଧାରଣତଃ ନିୟନ୍ତ୍ରଣ କରାଯାଇପାରେ ।
ଅଭିଜ୍ଞ ବ୍ୟକ୍ତିଙ୍କ ଦ୍ୱାରା ରୋଗର ପ୍ରୋଫାଇଲାକ୍ସିସ୍ (Prophylaxix) ଚିକିତ୍ସାର ପ୍ରାଥମିକ ଔଷଧ ଏବଂ ରାସାୟନିକ ପଦାର୍ଥର ବ୍ୟବହାର କରାଯାଇପାରେ ।



Protozoan Disease



Filamentous Bacterial Disease



Gas Bubble Disease



Muscle Necrosis Disease



Monodon Baculovirus Disease



Blue Disease



Blackspot



Bacterial Necrosis



Blackgill



White Muscle Disease



Luminous Bacterial Disease



Larval Mycosis